# ଶ୍ରୀମନ୍ଦିର ଓ ନେପାଳ ନରେଶ

ବୋଧିପ୍ରିୟ ରାଧାକୃଷ୍ଣ ସାହୁ

ନେପାଳ ନରେଶ ବୀର ବିକ୍ରମ ଦେବ ସାହା ମହାରାଣୀ କୋମଳ ରାଜଲକ୍ଷ୍ମୀ ସାହାଙ୍କ ସହିତ ନିକଟରେ ପୁରୀ ଶ୍ରୀମନ୍ଦିର ଦର୍ଶନରେ ଆସି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କଲେ । ଏଥି ପୂର୍ବର ନେପାଳ ରାଜଦମ୍ପତିମାନେ ମଧ ଶ୍ରୀମନ୍ଦିର ଆସି ପ୍ରଭୁଙ୍କୁ ଦର୍ଶନ କରିଥାନ୍ତି । ସ୍ୱ ସ୍ୱ ରାଜତ୍ୱ କାଳରେ ଥରେ ହେଲେ ନିଶ୍ଚୟ ଶ୍ରୀକ୍ଷେତ୍ର ପୁରୀରେ ଜଗନ୍ନାଥ ଦର୍ଶନ କରିବେ । ନେପାଳ ରାଜଦମ୍ପତିଙ୍କ ଉକ୍ତ ଦର୍ଶନର ଏକ ନିର୍ଦ୍ଦିଷ୍ଟ ବିଧି ବିଧାନ ରହିଅଛି । ଯାହା ଶୁଣିବାକୁ ମିଳେ, ତାହାର କିୟଦଂଶ ନିମ୍ନୋକ୍ତ ପ୍ରକାରେ :

ଦର୍ଶନ ପୂର୍ବରୁ, ମନ୍ଦିରରେ ପ୍ରବେଶ ପୂର୍ବରୁ, ମନ୍ଦିର ବିଶେଷ ପ୍ରକାରେ ଶୁଦ୍ଧ ବା ପବିତ୍ରୀକରଣ କରାଯିବ । ନେପାଳ ରାଜପରିବାରର ପଣ୍ଡା ତଥା ସୀମିତ ସେବକମାନଙ୍କ ବ୍ୟତୀତ ଅନ୍ୟ କୌଣସି ମନ୍ଦିରର ସେବକ ବି ମନ୍ଦିର ମଧରେ ରହିବେ ନାହିଁ । ରାଜପରିବାରର ଏକାନ୍ତ ନିଜ ବ୍ୟକ୍ତି ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଅତି ସୀମିତ ଉଚ୍ଚ ପ୍ରଶାସନିକ ତଥା ଆରକ୍ଷୀ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କେହି ବାହ୍ୟ ବ୍ୟକ୍ତି ମନ୍ଦିର ମଧରେ ପ୍ରବେଶ କରି ପାରିବ ନାହିଁ । ପୁରୀର ଗଜପତି ମହାରାଜା ଇଚ୍ଛା କଲେ ଉପସ୍ଥିତ ରହିପାରନ୍ତି ।

ନେପାଳ ନରେଶ ରାଣୀଙ୍କ ସହିତ ଦକ୍ଷିଣ ଦ୍ୱାର ବାଟେ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି । ସାଙ୍ଗରେ ଥାନ୍ତି ତାଙ୍କ ପଣ୍ଡା, ଯାହାଙ୍କୁ କୁହାଯାଏ ଲାଲମୋହରିଆ ପଣ୍ଡା । ରାଜାରାଣୀ ଗମ୍ଭୀରାରେ ପ୍ରବେଶ କଲାପରେ ରାଜା ଲାଲମୋହରିଆ ପଣ୍ଡାଙ୍କ ସହାୟତାରେ ରତ୍ନସିଂହାସନ ଉପରକୁ ଉଠିଯାନ୍ତି । ସେଠାରେ ଦଣ୍ଡାୟମାନ ହୋଇ ଜୀଉଙ୍କୁ ସ୍ୱହସ୍ତରେ ମାର୍ଜ୍ଜନା ଓ ପୂଜାର୍ଚ୍ଚନା କରିଥାନ୍ତି । ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଓ ଅଙ୍ଗବସ୍ତ୍ରରେ ସଜାଇ ସ୍ତୁତି ପାଠ କରନ୍ତି । ପୂଜାର୍ଚ୍ଚନା ସରିଲା ପରେ ଦାନ ପ୍ରଦାନ ପୂର୍ବକ ଅବତରଣ କରି ପ୍ରସ୍ଥାନ କରନ୍ତି ।

ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ ଯେ ନେପାଳ ନରେଶଙ୍କ ବ୍ୟତୀତ ଅନ୍ୟ କାହାରି ଅଧିକାର ନାହିଁ ରତ୍ନସିଂହାସନ ଉପରକୁ ଉଠି ସ୍ୱହସ୍ତରେ ବିଗ୍ରହମାନଙ୍କୁ ପୂଜାର୍ଚ୍ଚନା କରିବା । ଏପରିକି ପୁରୀର ମହାରାଜା, ଯାହାଙ୍କୁ ଜଗନ୍ନାଥଙ୍କ ପ୍ରଥମ ସେବକ ବୋଲି ଆଖ୍ୟା ଦିଆଯାଇଛି, ତାଙ୍କୁ ବି ଏ ଅଦ୍ୱିତୀୟ ସମ୍ମାନ ଦିଆ ଯାଇନାହିଁ । ସେ ବି ରତ୍ନସିଂହାସନ ଆରୋହଣ କରିବାର ଅଧିକାର ପ୍ରାପ୍ତ ହୋଇ ନାହାନ୍ତି ।

ବର୍ତ୍ତମାନ ପ୍ରଶ୍ନ ଉଠେ, ନେପାଳ ନରେଶଙ୍କୁ ପୁରୀ ଶ୍ରୀମନ୍ଦିରରେ ଏପରି ଅନନ୍ୟ ସାଧାରଣ ସମ୍ମାନ ଓ ସ୍ୱାଧିକାର ଦେବା ଅନ୍ତରାଳରେ କି ରହସ୍ୟ ନିହିତ ଅଛି ? ଯେପରି ଅନୁମିତ ହୁଏ, ସତ୍ୟକୁ କୌଣସି କାରଣରୁ ଚପାଇ ଦିଆଯାଇଛି ଅଥବା କାଳର ଆବର୍ତ୍ତନରେ ଚପି ଗଲାଣି । କୁହାଯାଉଛି ଯେ, ସୁଦୂର ଅତୀତରେ ନେପାଳ ରାଜା ଶ୍ରୀମନ୍ଦିର ନିର୍ମାଣ ନିମନ୍ତେ ଅଜସ୍ର ଅର୍ଥଦାନ କରିଥିଲେ, ରତ୍ନସିଂହାସନ ଗଠନ ନିମନ୍ତେ ବିପୁଳ ପରିମାଣରେ ଶାଳଗ୍ରାମ ପ୍ରସ୍ତର ଯୋଗାଇଥିଲେ । ଏବେବି ସେ ଜୀଉଙ୍କ ଆବଶ୍ୟକ କସ୍ତୁରୀ ଓ ମହାର୍ଘ ପାଟବସ୍ତ୍ର ଯୋଗାଉଛନ୍ତି । ହେଲେ ଏ ତଥ୍ୟ ହୃଦ୍‌ବୋଧ ହେଉନାହିଁ । ଅର୍ଥ ଅଥବା ବସ୍ତୁ ବିନିମୟରେ କ'ଣ ଜଗତର ନାଥଙ୍କୁ ହସ୍ତାନ୍ତର କରି ଦିଆଯାଇପାରେ ? ଅସମ୍ଭବ ।

ପ୍ରସଙ୍ଗ କ୍ରମେ ନେପାଳର ଅତୀତ ତଥା ବର୍ତ୍ତମାନର ଧର୍ମୀୟ ଓ ସାମାଜିକ ଜୀବନ ପ୍ରଣିଧାନଯୋଗ୍ୟ । ଅଧୁନା ନେପାଳ ପୃଥିବୀ ବକ୍ଷରେ ଏକମାତ୍ର ହିନ୍ଦୁରାଷ୍ଟ୍ର, ଯାହାକି ଗଢ଼ି ଉଠିଛି ଏକ ପ୍ରାଚୀନ ବୌଦ୍ଧରାଷ୍ଟ୍ର ଉପରେ । ଏହା ୨୫୦୦ ବର୍ଷ ତଳର ଇତିହାସ । ଶାକ୍ୟ ରାଜକୁମାର ସିଦ୍ଧାର୍ଥଙ୍କ ସମୟର ଘଟଣା । କପିଳବାସ୍ତୁର କ୍ଷତ୍ରିୟମାନେ ଜଣେ ଦାସୀକନ୍ୟାକୁ ରାଜକନ୍ୟା କହି କୋଶଳରାଜ ପ୍ରସେନଜିତ୍‌ଙ୍କୁ ବିବାହ ଦିଅନ୍ତି । ଏହି ଦାସୀକନ୍ୟାର ପୁତ୍ର ବିରୁଡକ ମାମୁଁ ଘର କପିଳବାସ୍ତୁ ଯାଇ ସେଠାରେ ଲାଞ୍ଛିତ ହୁଅନ୍ତି । ଏହାର ପ୍ରତିଶୋଧ ନେବାକୁ ଯାଇ ବିରୁଡକ କପିଳବାସ୍ତୁ ଆକ୍ରମଣ କରି ସେଠିକାର କ୍ଷତ୍ରିୟ ମଲ୍ଲ ଓ ଶାକ୍ୟମାନଙ୍କୁ ଛିନ୍ନ ଭିନ୍ନ କରିଦେଲେ । ବିତାଡ଼ିତ କେତେକ ମଲ୍ଲ ଓ ଶାକ୍ୟମାନେ ନେପାଳକୁ ପଳାୟନ କଲେ ଏବଂ ସେଠାରେ ସ୍ଥାପନ କଲେ ଏକ ବୌଦ୍ଧରାଷ୍ଟ୍ର । ନେପାଳର

ଦକ୍ଷିଣରେ ମଗଧ ଓ ବୈଶାଳୀ ରାଜ୍ୟ । ବୈଶାଳୀ ଥିଲା ପୂର୍ଣ୍ଣ ବୌଦ୍ଧରାଜ୍ୟ ଏବଂ ଏଠିକାର କ୍ଷତ୍ରିୟ ଲିଚ୍ଛବୀମାନେ ଥିଲେ ମହାତ୍ମା ବୁଦ୍ଧଙ୍କ ପରମ ଭକ୍ତ । ବୁଦ୍ଧଙ୍କ ଦେହାନ୍ତର ପରେ ପରେ ମଗଧର ପ୍ରତାପୀ ରାଜା ଅଜାତଶତ୍ରୁ ବୈଶାଳୀ ଆକ୍ରମଣ କରି କ୍ଷତ୍ରିୟ ଲିଚ୍ଛବୀମାନଙ୍କୁ ଛିନ୍ନଛତ୍ର କରିଦେଲେ । ଏମାନଙ୍କ ମଧ୍ୟରୁ ଗୋଟିଏ ଦଳ ନେପାଳରେ ପ୍ରବେଶ କରି ସେଠାରେ ବୌଦ୍ଧରାଜ୍ୟ ସ୍ଥାପନ କଲେ । ଇତିହାସର ଏହି ଅପ୍ରତ୍ୟାଶିତ ଗତି ସଙ୍ଗେ ସଙ୍ଗେ ପ୍ରାଚୀନ ନେପାଳରେ ସ୍ଥାପିତ ହୁଏ ଏକ ସୁସଙ୍ଗଠିତ, ସୁପରିଚାଳିତ ବୌଦ୍ଧରାଷ୍ଟ୍ର, ଯାହାର ଅନ୍ତରାଳରେ ରହିଲେ ଶାକ୍ୟ, ମଲ୍ଲ ଓ ଲିଚ୍ଛବୀ କ୍ଷତ୍ରିୟବଂଶ । ଏହି ଭିତ୍ତିଭୂମିରେ ନେପାଳର ଅଭ୍ୟୁଦୟ ହୋଇଥିବାରୁ ଏଠାରେ ବୌଦ୍ଧମାନଙ୍କ ସଂଖ୍ୟା ହିନ୍ଦୁମାନଙ୍କ ସହିତ ପ୍ରାୟ ସମାନ । ନେପାଳ ରାଜ୍ୟର ବିଶେଷତ୍ୱ ଓ ଆଦର୍ଶ ହୁଏ ଏଠିକାର ବୌଦ୍ଧ ଓ ହିନ୍ଦୁମାନଙ୍କ ମଧ୍ୟରେ ପ୍ରୀତିପୂର୍ଣ୍ଣ ସହାବସ୍ଥାନ ଓ ସଦ୍‌ଭାବ । ନେପାଳ ଇତିହାସରେ ବୌଦ୍ଧ ହିନ୍ଦୁ ସଂଘର୍ଷର ଦୃଷ୍ଟାନ୍ତ ବିରଳ । ଉଭୟ ଉଭୟଙ୍କ ମନ୍ଦିର ବା ବିହାରକୁ ଅବାଧରେ ପ୍ରବେଶ କରି ପୂଜାର୍ଚ୍ଚନା କରନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପଞ୍ଚଦଶ ଶତାବ୍ଦୀ ବେଳକୁ ନେପାଳରେ ବୌଦ୍ଧ ଶାସକମାନଙ୍କ ପ୍ରାଧାନ୍ୟ ହ୍ରାସ ପାଇବାରେ ଲାଗିଲା । ରାଣା, ସାହା ଓ ଜଙ୍ଗ ହିନ୍ଦୁ ରାଜବଂଶମାନଙ୍କ ଅଭ୍ୟୁଥାନ ଘଟିଲା । ଏବେସୁଦ୍ଧା ହିନ୍ଦୁରାଜ୍ୟ ବଳବତ୍ତର ରହିଛି । ହେଲେ ବୌଦ୍ଧ ଓ ହିନ୍ଦୁମାନଙ୍କ ମଧ୍ୟରେ କେବେ ହେଲେ ରକ୍ତାକ୍ତ ସଂଘର୍ଷ ଘଟିନାହିଁ । ଉଭୟ ପରସ୍ପରକୁ ମୈତ୍ରୀ ବନ୍ଧନରେ ରଖିଛନ୍ତି । ନେପାଳର ବୌଦ୍ଧମାନେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ବଦଳରେ ଧ୍ୟାନୀବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କ ପ୍ରତିମା ପୂଜା କରୁଥିଲେ । ସେ ସବୁରୁ ଅନେକ ଆଜି ହିନ୍ଦୁ ଧର୍ମର ଶିବ ରୂପରେ ପୂଜିତ ହେଉଛନ୍ତି ।

ନେପାଳରେ ଏତାଦୃଶ ଅସାଧାରଣ ଧର୍ମୀୟ ସହାବସ୍ଥାନ ପଛରେ ରହିଛି ଏକ ଅଲୌକିକ କିମ୍ବଦନ୍ତୀ, ଯାହାକି ଲିପିବଦ୍ଧ ହୋଇଛି ନେପାଳରେ ବହୁ ଆଦୃତ ଏକ ପ୍ରାଚୀନଶାସ୍ତ୍ରରେ, ଯାହାର ନାମ 'ସ୍ୱୟଂଭୂ ପୁରାଣ' । କିମ୍ବଦନ୍ତୀଟି ଏହି ପ୍ରକାରେ:- ଆଜକୁ ୪,୫୦୦ ବର୍ଷ ପୂର୍ବେ ଗୌତମ ବୁଦ୍ଧ ଧରାପୃଷ୍ଠରେ ଆବିର୍ଭାବ ହୋଇ ନ ଥାନ୍ତି । ବୁଦ୍ଧତ୍ୱ ପ୍ରାପ୍ତି ପୂର୍ବରୁ ସେ ବୋଧିସତ୍ତ୍ୱ ଅଥବା ଧ୍ୟାନୀ ବୁଦ୍ଧ ଭାବରେ ସଂସାରରେ ଅବତୀର୍ଣ୍ଣ ହୋଇ ଲୀଳାଖେଳା କରୁଥିଲେ । ସେ ଖେଳ ମାଧ୍ୟମରେ ବୋଧିସତ୍ତ୍ୱମାନେ ସଂସାରରେ ପ୍ରକଟ କରୁଥିଲେ ଦାନ, ଶୀଳ, ଧ୍ୟାନ, ପ୍ରଜ୍ଞା, ବୀର୍ଯ୍ୟ, କ୍ଷମା, ସତ୍ୟ, ନିଷ୍କାମ, ମୈତ୍ରୀ ଓ ପ୍ରଶାନ୍ତି ଆଦି ପାରମିତା ସମୂହ । ଏତାଦୃଶ ପାରମିତାର ପୂର୍ଣ୍ଣତାରେ ହିଁ ବୁଦ୍ଧତ୍ୱ ପ୍ରାପ୍ତି । ବୁଦ୍ଧତ୍ୱର ଚରମ ବିକାଶରେ ଅର୍ଥାତ୍ ପରିପୂର୍ଣ୍ଣତା, ପରିଶୁଦ୍ଧତା ଓ ପରମତା ପ୍ରାପ୍ତିରେ ସମ୍ୟକ୍ ସଂବୁଦ୍ଧ ବିକଶିତ ହୁଅନ୍ତି । ପ୍ରଚଳିତ ଯୁଗରେ ଗୌତମ ବୁଦ୍ଧ ସମ୍ୟକ୍ ସଂବୁଦ୍ଧ ଅଟନ୍ତି । 'ନମ ତସ୍‌ସ ଭଗବତ ଅରହତ ସମ୍ମାସଂବୁଦ୍ଧସ୍‌ସ' । ଏହି ବୁଦ୍ଧ ପରଂପରାରେ ଆଜକୁ ୪,୫୦୦ ବର୍ଷ ପୂର୍ବେ ଚୀନ ଦେଶର ପଞ୍ଚଶୃଙ୍ଗ ପର୍ବତ ଉପରେ ବାସ କରୁଥିଲେ ଜଣେ ମହାନ୍ ବୋଧିସତ୍ତ୍ୱ, ନାମ ତାଙ୍କର ମଂଜୁଶ୍ରୀ, ଜଣେ ସୁବିଖ୍ୟାତ ସନ୍ଥ । ଏହି ସମୟକୁ ଐଶ୍ୱରୀୟ ନାମଧେୟ ଏକ ଧର୍ମୀୟ ପନ୍ଥୀ ଆଦିବୁଦ୍ଧ ତତ୍ତ୍ୱ ସ୍ଥାପନା କରିଥିଲେ । ଏହି ଅଭିନବ ତତ୍ତ୍ୱ ନେପାଳରେ ବେଶ୍ ପ୍ରସାର ଓ ଆଦୃତ ହୋଇଥିଲା । ଦିନେ ମଂଜୁଶ୍ରୀଙ୍କୁ ଧ୍ୟାନରେ ଉପଲବ୍ଧ ହେଲା ଯେ, ଆଦିବୁଦ୍ଧ ନେପାଳର କାଳିହ୍ରଦରେ ଏକ ସ୍ୱର୍ଣ୍ଣାଭ ପଦ୍ମଫୁଲ ଉପରେ ବିରାଟ ଅଗ୍ନିଶିଖା ରୂପରେ ବିରାଜିତ ହୋଇଛନ୍ତି । ଏହି ସ୍ୱୟଂଭବ ସତ୍ତାଙ୍କୁ ଦର୍ଶନ କରିବା ନିମନ୍ତେ ମଂଜୁଶ୍ରୀ ତୁରନ୍ତ ତାଙ୍କର ପଞ୍ଚଶୀର୍ଷ ପର୍ବତ ଆସ୍ଥାନରୁ ବହିର୍ଗତ ହେଲେ । ତାଙ୍କ ସହିତ ସହଗାମୀ ହେଲେ ତାଙ୍କ ରାଜ୍ୟର ରାଜା ଧର୍ମକର, ତାଙ୍କର ଦୁଇପତ୍ନୀ ବରଦା ଓ ମୋକ୍ଷଦା ଏବଂ ଅନେକ ଶିଷ୍ୟ ।

ମଂଜୁଶ୍ରୀ ହ୍ରଦ ନିକଟରେ ପହଞ୍ଚି ଦେଖିଲେ ବିରାଟ ଜଳଭଣ୍ଡାର, ଏକ ହ୍ରଦ । ହ୍ରଦର ମଧ୍ୟସ୍ଥଳରେ ରଥ ଚକ ପରିମିତ ଏକ ବିରାଟ ପ୍ରସ୍ଫୁଟିତ ପଦ୍ମ, ରତ୍ନ ପାଖୁଡ଼ା ବିମଣ୍ଡିତ । ପଦ୍ମ ମଧ୍ୟରେ ବିରାଜିତ ଏକ ଅବର୍ଣ୍ଣନୀୟ ବସ୍ତୁ, ଯାହାକୁ ଘେରି ପ୍ରାଚୀର ସଦୃଶ ରହିଅଛି ଜାଜ୍ୱଲ୍ୟମାନ ଅଗ୍ନିଶିଖା । ଏ ଦୃଶ୍ୟ ଦେଖି ମଂଜୁଶ୍ରୀ ଆଶ୍ଚର୍ଯ୍ୟାନ୍ୱିତ ଓ ପୁଲକିତ ହେଲେ । ନିଶ୍ଚିତ ହେଲେ, ଏହା ହିଁ ସ୍ୱୟଂଜାତ ସ୍ୱୟଂଭୂ । ନିକଟକୁ ଯାଇ ଦର୍ଶନ ଓ ଅର୍ଚ୍ଚନା କରିବାର ଇଚ୍ଛା ପ୍ରବଳ ହେଲା । ସ୍ୱୀୟ ଅଧ୍ୟାତ୍ମ ଶକ୍ତି ବଳରେ ସେ କୌଣସି ମତେ ଅଗ୍ନି ସନ୍ନିକଟକୁ ଯାଇ ଆବିର୍ଭୂତ ସତ୍ତାଙ୍କୁ ଭକ୍ତି ନିବେଦନ କଲେ । ବୋଧିସତ୍ତ୍ୱମାନେ ସର୍ବଦା ପରୋପକାର ଚିନ୍ତା କରନ୍ତି । ଫେରିଆସି ବୋଧିସତ୍ତ୍ୱ ମଂଜୁଶ୍ରୀ ଚିନ୍ତା କଲେ, ସାଧାରଣ ବ୍ୟକ୍ତି ପକ୍ଷେ ପଦ୍ମସମୀପକୁ ଯାଇ ଦର୍ଶନ କରିବା ସହଜ ହେବ ନାହିଁ । ଏହି ଧ୍ୟାନ କରି କରି ସେ ହ୍ରଦ

ଚତୁଃପାର୍ଶ୍ୱ ବନ୍ଧ ଉପରେ ସଂକ୍ରମଣ କରିବାକୁ ଲାଗିଲେ । ଦକ୍ଷିଣ ପାର୍ଶ୍ୱରେ ଦେଖିଲେ, ବନ୍ଧ ଦୁର୍ବଳ ଅଛି । ତହୁଁ ମଂଜୁଶ୍ରୀ ସେହି ପଟର ବନ୍ଧକୁ ଖଡ୍‌ଗରେ ହାଣିବାକୁ ଲାଗିଲେ । କ୍ରମେ ବନ୍ଧ ମେଲି ଗଲା, ହ୍ରଦର ଜଳ ସେହି ବାଟରେ ପ୍ରବଳ ବେଗରେ ବହିର୍ଗତ ହେଲା । ଏହା ଫଳରେ ଦକ୍ଷିଣରେ ସୃଷ୍ଟି ହେଲା ବାଘ୍‌ମତୀ ନଦୀ, ଯାହାକି ଉତ୍ତରଭାରତରେ ପ୍ରବାହିତ ହେଉଛି । ଯେଉଁ ସ୍ଥାନରେ ମଂଜୁଶ୍ରୀ ଖଣ୍ଡା ଦ୍ୱାରା ବନ୍ଧ ହାଣିଥିଲେ, ତାହା ଏବେବି 'କଟ୍‌ବାର' ନାମରେ ପରିଚିତ । ହ୍ରଦରୁ ଜଳ ନିଷ୍କାସନ ହୋଇଯିବା ଫଳରେ ସୃଷ୍ଟି ହୁଏ କାଠମାଣ୍ଡୁ ଉପତ୍ୟକା । ଏବେ ରାସ୍ତା ଖୋଲିଗଲା । ମଂଜୁଶ୍ରୀଙ୍କ ସହଗାମୀମାନଙ୍କ ସମେତ ଜନ ସାଧାରଣ ପ୍ରଭୁଙ୍କୁ ଦର୍ଶନ କଲେ । ମଂଜୁଶ୍ରୀ ପଦ୍ମ ଉପରେ ଚୈତ୍ୟ ବା ମନ୍ଦିରଟିଏ ତୋଳାଇଲେ । ନାମକରଣ କଲେ ସ୍ୱୟଂଭୂନାଥ ମନ୍ଦିର । ମନ୍ଦିର ମଧ୍ୟରେ ଜଗତର ନାଥ ପରମ ବ୍ରହ୍ମ ଶୂନ୍ୟ ସନାତନ ଅଧିଷ୍ଠିତ ହୋଇଥିବା ଯୋଗେ ଏହାକୁ ଆଦିବୁଦ୍ଧ ଜଗନ୍ନାଥ ମନ୍ଦିର ବୋଲି ମଧ୍ୟ କୁହାଗଲା । ବୁଦ୍ଧଙ୍କର ଗୁଣବାଚକ ଏକ ସଂଜ୍ଞା ହୁଏ 'ଜଗନ୍ନାଥ', ଯାହାକି ବୌଦ୍ଧ ଶାସ୍ତ୍ରରେ ଉଲ୍ଲେଖ ରହିଛି । ଅତୀତରେ କେତେ ନା କେତେ ବୁଦ୍ଧ ସଂସାରରେ ଆବିର୍ଭାବ ହୋଇଥିଲେ । ସେ ସମସ୍ତଙ୍କର ଆଦି ହୁଅନ୍ତି ଆଦିବୁଦ୍ଧ (Primordial Buddha), ଯାହାଙ୍କ କଳା ଓ ପ୍ରତିଭାରେ ବୁଦ୍ଧମାନେ ପ୍ରତିଷ୍ଠିତ । ଶ୍ରୀଜଗନ୍ନାଥ ହେଉଛନ୍ତି ସେହି ଆଦିବୁଦ୍ଧ, ଯାହାଙ୍କ ପରଂପରାରୁ ଗୌତମ ବୁଦ୍ଧ ବିଦ୍ୟମାନ । ଅବତାରବାଦରେ ପ୍ରକାଶ କରିବାକୁ ହେଲେ ନରସିଂହ ହରିଙ୍କ ଅବତାର, ଶ୍ରୀରାମ ନାରାୟଣଙ୍କ ଅବତାର, ଶ୍ରୀକୃଷ୍ଣ ବିଷ୍ଣୁଙ୍କ ଅବତାର ଓ ଗୌତମବୁଦ୍ଧ ଶ୍ରୀଜଗନ୍ନାଥଙ୍କ ଅବତାର ଅଟନ୍ତି ।

ଆଦିବୁଦ୍ଧ ସ୍ୱୟଂମ୍ଭୂଙ୍କୁ ପ୍ରତିଷ୍ଠା କରି ସାରି ମଂଜୁଶ୍ରୀ ବହୁକାଳ ନେପାଳ କାଠମାଣ୍ଡୁରେ କଟାଇଲେ । ଗୋଟିଏ ଆଶ୍ରମ ବା ବିହାର ସ୍ଥାପନ କଲେ, ଯାହାର ନାମ ଏବେବି ମଂଜୁପାଟଣା ରହିଅଛି । ରାଜା ଧର୍ମକରଙ୍କୁ ନେପାଳର ରାଜା କଲେ । ଏ ସମସ୍ତ ସମାପନ କରି ପରିଣତ ବୟସରେ ସେ ଫେରିଗଲେ ସ୍ୱସ୍ଥାନ ଚୀନ୍ ଦେଶର ପଞ୍ଚଶଙ୍ଖ ପର୍ବତକୁ । ସେଠାରେ ଧ୍ୟାନରତ ରହି ପରିନିର୍ବାଣ ପ୍ରାପ୍ତ ହେଲେ ।

ଏହା ହିଁ ସଂକ୍ଷେପରେ ମଂଜୁଶ୍ରୀ ପୂଜିତ ସ୍ୱୟଂଭୁଙ୍କର ଅବ୍ଦ ଠାରୁ ରାଣା ଶାସନ ପର୍ଯ୍ୟନ୍ତ ନେପାଳର ସୁଦୀର୍ଘ ଐତିହ୍ୟ । ଗବେଷଣାସାପେକ୍ଷ ସ୍ୱୀକାର ପୂର୍ବକ ମନରେ ଏହି ଧାରଣା ଉପୁଜୁ ହୁଏ ଯେ, ହିନ୍ଦୁତ୍ୱର ବୈମାତୃକ ଅଥବା କଠୋର ବୈଷମ୍ୟ ଆଶଙ୍କା କରି ଅନ୍ତିମ ପର୍ଯ୍ୟାୟରେ ନେପାଳର କୌଣସି ବୌଦ୍ଧ ନରପତି, ଭାରତର ତତ୍‌କାଳୀନ ବୌଦ୍ଧ ସାମ୍ରାଜ୍ୟ କଳିଙ୍ଗର କୌଣସି ଆଗ୍ରହୀ ନରପତିଙ୍କ ଆଗ୍ରହ ଓ ସ୍ୱୀକୃତି କ୍ରମେ ସ୍ୱୟଂମ୍ଭୂଙ୍କ ଗର୍ଭସ୍ଥ ମହାର୍ଘ ବସ୍ତୁଟିକୁ ଆଣି ନୀଳାଚଳରେ ବିଦ୍ୟମାନ ଆଦିବୁଦ୍ଧ ଜଗନ୍ନାଥଙ୍କ ପବିତ୍ର ଗର୍ଭରେ ସ୍ଥାପନ କରିଦେଲେ । ପୂର୍ବରୁ କୁହାଯାଇଛି, ନେପାଳର ହିନ୍ଦୁମାନେ ସ୍ୱୟଂମ୍ଭୂ ଆଦିବୁଦ୍ଧଙ୍କର ଉପାସକ ଥିଲେ । ତେଣୁ ପରକାଳୀନ ନେପାଳ ହିନ୍ଦୁ ନରେଶ ଆସି ସେହି ଐଶୀ ବସ୍ତୁଟିକୁ ଜଗନ୍ନାଥଙ୍କ ଗର୍ଭରୁ ଅପସାରଣ କରିବାକୁ କଳିଙ୍ଗ ସମ୍ରାଟଙ୍କ ନିକଟରେ ଇଚ୍ଛା ପ୍ରକାଶ କଲେ । ଏଥିରେ କଳିଙ୍ଗ ସମ୍ରାଟ ରାଜି ହେଲେ ନାହିଁ । ତାଙ୍କ ମନରେ ଉଙ୍କି ମାରିଲା, ଅତୀତରେ କିପରି ବୁଦ୍ଧଧାତୁ ଜଗନ୍ନାଥଙ୍କ ଗର୍ଭରୁ ଶ୍ରୀଲଙ୍କାକୁ ଅନ୍ତର୍ହିତ ହୋଇଯାଇଛି, ଫେରସ୍ତ ଆସିଲା ନାହିଁ । ତହୁଁ ଉଭୟ ମୈତ୍ରୀକାମୀ ବୌଦ୍ଧ ନରପତି ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ନେପାଳ ନରେଶ ଯେତେବେଳେ ଶ୍ରୀଜଗନ୍ନାଥ ଦର୍ଶନରେ ଆସିବେ, ସେ ତ୍ରିରତ୍ନ ବେଦି ଉପରେ ସ୍ୱହସ୍ତରେ ଜୀଉଙ୍କୁ ପୂଜାର୍ଚ୍ଚନା କରିପାରିବେ । ଏଥିରେ ସନ୍ତୁଷ୍ଟ ହୋଇ ନେପାଳ ରାଜା ବହୁ ଧନରତ୍ନ, କସ୍ତୁରୀ ଓ ପାଟବସ୍ତ୍ର ଆଦି ଜଗନ୍ନାଥଙ୍କୁ ଅର୍ପଣ କଲେ ଓ କରି ଆସୁଛନ୍ତି । ନେପାଳ ନରେଶଙ୍କ ଶ୍ରୀମନ୍ଦିର ଦର୍ଶନ ଏବେବି ସେହି ନିର୍ଦ୍ଧାରିତ ରୀତିରେ ଚାଲି ଆସୁଛି ।

**ସହାୟକ ପୁସ୍ତକ :**


1. The Adi Buddha : by Kanailal Hazra.
2. Buddhist & Hindu Shrines of Nepal : Government of Nepal.


❐❐❐


**ବୋଧିନିକେତନ,**
**ପୁରୀ**